ପାଠ-୧୨

# ସମୂହ ଦୃଷ୍ଟି

**STUDY NOTES**

**MIND MAP**



ଏ ପୁଣ୍ୟଭୂମି ଭାରତବର୍ଷରେ ମୁନିଋଷିମାନେ ସାଧନା ଦ୍ୱାରା, ତପସ୍ୟା ବଳରେ ଅସାଧ ସାଧନ କରିବା ସହ ଏ ଦେଶରେ ସୃଷ୍ଟି କରିଥିଲେ ପବିତ୍ର ଆଧ୍ୟାତ୍ମିକ ସଂସ୍କୃତି। କିନ୍ତୁ ସେମାନଙ୍କ ମଧ୍ୟରେ ଜାତିଭେଦ ନଥିଲେ ମଧ୍ୟ ଥିଲା ସ୍ତରଭେଦ; ଯଥା- ମହର୍ଷି, ଦେବର୍ଷି, ବ୍ରହ୍ମର୍ଷି ଓ ରାଜର୍ଷି। ନାରଦ ଥିଲେ ଦେବର୍ଷି, ଜନକ ଥିଲେ ରାଜର୍ଷି, ବିଶ୍ୱାମିତ୍ର ଥିଲେ ମହର୍ଷି ଓ ବଶିଷ୍ଠ ଥିଲେ ବ୍ରହ୍ମର୍ଷି। ବିଶ୍ୱାମିତ୍ର ବ୍ରହ୍ମର୍ଷିରୂପେ ସ୍ୱୀକୃତି ଲାଭ କରିବା ପାଇଁ ବଶିଷ୍ଠଙ୍କର ସମସ୍ତ ପୁତ୍ରଙ୍କୁ ହତ୍ୟା କରିଥିଲେ।

ଦିନେ ରାଜର୍ଷି ଜନକ ପ୍ରାସାଦ ସମ୍ମୁଖରେ ଜଣେ ଋଷିଙ୍କୁ ଦେଖି ଅଭ୍ୟର୍ଥନାପୂର୍ବକ ସୁସଜ୍ଜିତ ସମ୍ବର୍ଦ୍ଧନା ପାଇଁ ସକଳ ପ୍ରକାର ବନ୍ଦୋବସ୍ତଯୁକ୍ତ ଅତିଥି-କକ୍ଷକୁ ନେଇଗଲେ। ସେଠାରେ କୌଣସି ଆଳାପ ହେବା ପୂର୍ବରୁ ଅତିଥି କହିଲେ, "କ୍ଷମା କରିବେ ମହାରାଜ ଜନକ! ଆପଣ ଜଣେ ଭଣ୍ଡ ତପସ୍ୱୀ, ଶଠତାରେ ସମସ୍ତଙ୍କୁ ବଶ କରିପାରିଛନ୍ତି, ପ୍ରବ ନାରେ ଦିଗ୍‌ବିଜୟ କରିଛନ୍ତି। ଆପଣ ବିରାଟ ରାଜ୍ୟର ଅଧୀଶ୍ୱର; ବିସ୍ତର କ୍ଷମତାର ଅଧିପତି। ପଦତଳେ ଆପଣଙ୍କର ବିପୁଳ ବିଭବ। ଏଭଳି ଅଖଣ୍ଡ ରାଜା ହୋଇ ପୁଣି ଋଷି!"

କିନ୍ତୁ ରାଜର୍ଷି ଜନକ ଋଷିସୁଲଭ ଗୁଣରେ ଧୀରସ୍ଥିର ଭାବରେ ଉତ୍ତର ଦେଲେ- "ଋଷି ପ୍ରବର! ଆପଣ ମୋର ବରେଣ୍ୟ ଅତିଥି। ଅତିଥିସେବା ମୋର ଧର୍ମ। ସେ ଧର୍ମରୁ ମୋତେ ବ୍‌ତ କରନ୍ତୁ ନାହିଁ। ସ୍ନାନକୃତ୍ୟ ସମାପନ କରନ୍ତୁ। କିଛି ଭୋଜନ କରି ବିଶ୍ରାମ କରନ୍ତୁ। ତା'ପରେ ବସି ସବୁ ବିଷୟ ଆଲୋଚନା କରିବା।"

ଅତିଥି ଋଷି ପ୍ରବର ତଥା ରାଜର୍ଷି ଜନକଙ୍କର ଏହି ଉକ୍ତି ପ୍ରତ୍ୟୁକ୍ତି ମାଧ୍ୟମରେ ପ୍ରାବନ୍ଧିକ ଋଷିମାନଙ୍କ ମଧ୍ୟରେ ଥିବା ସ୍ତରଭେଦର ରହସ୍ୟକୁ ସୁନ୍ଦର ଭାବେ ପ୍ରତିପାଦନ କରିଛନ୍ତି। ସହସା ଅତିଥି ଋଷିବରଙ୍କ ଭର୍ତ୍ସନାବାଣୀ ଶୁଣି ମଧ୍ୟ ରାଜର୍ଷି ଜନକ ନମ୍ରତାପୂର୍ବକ ଧୀରସ୍ଥିର ଭାବରେ ଅତିଥି ସେବାରୂପକ ପବିତ୍ର ଧର୍ମପାଳନ ନିମନ୍ତେ ସୁଯୋଗ ଦେବା ପାଇଁ ନିବେଦନ କରିଛନ୍ତି। ତତ୍‌ପରେ ଅତିଥି ପ୍ରବର ରାଜକୀୟ ସମାରୋହରେ ନିତ୍ୟକର୍ମ ସମାପନ କରି ଜନକଙ୍କ ସହ ପରସ୍ପର ସମ୍ମୁଖୀନ ହୋଇ ବସି ମୃଦୁ ସମ୍ଭାଷଣ ମଧ୍ୟରେ ମଧ୍ୟାହ୍ନ ଭୋଜନ ଗ୍ରହଣ କଲେ। ଏହାପରେ ଜନକ ଅତିଥି ପ୍ରବରଙ୍କୁ ଖାଦ୍ୟପେୟ ସମ୍ପର୍କରେ ପଚାରନ୍ତେ ସେ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ସମସ୍ତ ଖାଦ୍ୟପେୟ ରୁଚିକର, ତୃପ୍ତିକର ତଥା ଉପଭୋଗ୍ୟ ହୋଇଥିଲେ ମଧ ଉପଭୋଗ କରିପାରିଲେ ନାହିଁ ବୋଲି ପ୍ରକାଶ କରିଥିଲେ। କାରଣ ଭୋଜନ ସ୍ଥାନରେ ତାଙ୍କର ଠିକ୍ ମୁଣ୍ଡ ଉପରେ ଝୁଲୁଥିବା ଖଡ୍‌ଗ ଦେଖି ସେ ଖାଦ୍ୟ ଉପଭୋଗ କରିବା ପରିବର୍ତ୍ତେ ଗିଳିପକାଇଲେ। ତେଣୁ ସେ ଭୋଜନ ସ୍ଥାନରେ ଖଡ୍‌ଗ ଝୁଲିବାର କାରଣ ରାଜର୍ଷି ଜନକଙ୍କୁ ପଚାରିଥିଲେ।

ODM EDUCATIONAL GROUP
Changing your Tomorrow